# ତପସ୍ୱିନୀ

ଗଙ୍ଗାଧର ମେହେର

## ଷଷ୍ଠ ସର୍ଗ

ଚତୁର୍ଦ୍ଦଶାକ୍ଷର ଛନ୍ଦ

30 January 2010

(Last updated: ୭ ଫେବୃୟାରି ୨୦୧୦)

http://www.iopb.res.in/~somen/GMeher

ଚିହ୍ନା ସହ ଶଶୀ ଦିନେ ଉଠିଲେ ଗଗନେ
ବିକଶିତ ହେଲା ନବମାଳିକା ଗହନେ ।
ଧୀରେ ଧୀରେ ଆଶ୍ରମର ମଲ୍ଲୀବଲ୍ଲୀଚୟ
ପ୍ରଫୁଲ୍ଲ-କୁସୁମ-ପୁଞ୍ଜ ହେଲେ ମୁଦମୟ ।
ମାଧବୀ ବକୁଳ ମଲ୍ଲୀ ନିଆଳୀ ସୁଗନ୍ଧ-
ଭାବେ ଗନ୍ଧବହ ଗତି କରି ମନ୍ଦ ମନ୍ଦ ।
ତମସା ପୁଳିନେ ସ୍ୱଚ୍ଛ ଚନ୍ଦ୍ରମା-କିରଣ
ଆଲିଙ୍ଗି ସ୍ୱଚ୍ଛନ୍ଦେ କରୁଥିଲା ବିଚରଣ ।
ଜାନକୀ କୁଟିର ପାଶେ ବିବିଧ ଆକାରେ
ଖଣ୍ଡ ଖଣ୍ଡ ଚନ୍ଦ୍ରିକାର ପାଦପ-ଛାୟାରେ ।
ଧୀରେ ଧୀରେ ପୂର୍ବଦିଗେ ହୋଇ ଅଗ୍ରସର
ହ୍ରାସ ବୃଦ୍ଧି ଲୋପ କରୁଥିଲେ କଳେବର ।
କୁଟୀରୁ ଅଳପ ଦୂରେ ଶୀତଭାନୁ-କରେ
ବସିଥାନ୍ତି ବଇଦେହୀ ସଜନୀ ସଙ୍ଗରେ ।
ସତୀ ପାଶେ ଦିଶୁଥିଲା ସୁଧାଂଶୁ କିରଣ
ସତୀ ଅଙ୍ଗୁ ହେଉଅଛି ଯେସନେ ବିକିରଣ ।
ଖଦ୍ୟୋତ ଦିଓଟି ଆଶ୍ରି ଗୋଟିଏ ପତର
କାନ୍ତି କରୁଥାନ୍ତି ଚନ୍ଦ୍ରଠାରୁ ମଞ୍ଜୁତର !
ଚାହିଁ ତାଙ୍କୁ ବୋଲୁଥାନ୍ତି ସତୀ ମନେ ମନେ
"ଧନ୍ୟରେ ଖଦ୍ୟୋତେ ! ତୁମ୍ଭେ ପତଙ୍ଗ ଜୀବନେ !
ଅଛନ୍ତି ଜଗତେ ଜୀବ ତୁମ୍ଭଠାରୁ ବଳି
ଅଛି କିରେ ଆଉ କାହା କାନ୍ତି ତୁମ୍ଭ ଭଳି ?
ବଡ଼ ଭାଗ୍ୟେ ପାଇଥିଲ ବିଶ୍ୱପତି-ବର
ତେଣୁ ତୁମ୍ଭ ଦ୍ୟୁତି ଲୋକ-ନେତ୍ର-ପ୍ରୀତିକର ।"
ଏ ସମୟେ ଶ୍ରୁତ ହେଲା ଚକ୍ରବାକ ସ୍ୱନ
ମୁହୁର୍ମୁହୁଃ ହେଉଅଛି କରୁଣାବର୍ଷଣ ।
କରୁଣା-ସଲିଳ ସତୀ-ନୟନ-ସରିତ-
କପୋଳ କୂଳକୁ ବଳେ ହେଲା ପ୍ରସାରିତ ।
ଚଞ୍ଚଳେ ଜାନକୀ କରି ସଖୀକି ଗୋପନ
ଅଞ୍ଚଳେ ଘରମ ଛଳେ ପୋଛିଲେ ଲପନ ।
ଜାଣି ସଖୀ ପଚାରିଲା, "କହ ତୁ ସୁଶୀଳେ !
କିମ୍ପା ଚକ୍ରବାକ ରାବେ ରଜନୀ ଆସିଲେ ?
ଥାନ୍ତି କି ଏ ବିହଙ୍ଗମ ନଗର ଭିତରେ
ରାବନ୍ତି କି ତହିଁ ମଧ୍ୟରାତ୍ରିରେ କାତରେ ?
ରାବନ୍ତି ଯଦ୍ୟପି ତାହା ନାଗରିକ ଜନେ
ଆକର୍ଣ୍ଣନ କରି କିସ ଭାବିଥାନ୍ତି ମନେ ?"
ଶୁଣି ସତୀ ନପାରିଲେ ସମ୍ଭାଳି ଲୋତକ
କଣ୍ଠସ୍ୱର ହେଲା ତହିଁ ବଚନ-ରୋଧକ ।
ତା'ଚାହିଁ କହିଲା ସଖୀ, "ଛାଡ଼ ସେହି କଥା
ଚାପଲ୍ୟ ମୋ କ୍ଷମାକର, ବୃଥା ଦେଲି ବ୍ୟଥା" ।
ବୋଇଲେ ଜାନକୀ, "ସଖି, ଆତ୍ମପରିଚୟ
ନ ଦେଇ ପରାଣ ମୋର ହେଉଛି ଅଥୟ ।
ଭରସା କରିଛି, ମୋର ଅନ୍ତିମ ଜୀବନ
ତୁମ୍ଭ ସହକାରେ ଏଥି କରିବି ଯାପନ ।
ନ କହିବି ନିଜ କଥା ଯିଦି ତୁମ୍ଭ ପାଶ
କରିବ କି ରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ !
କହିଦେଲେ ଲଘୁ ହେବ ମୋର ଦୁଃଖଭାର,
ବଝିବ ତହିଁରେ ତୁମ୍ଭେ କିପରି ସଂସାର ।
ମୁଁ ରାଜନନ୍ଦିନୀ ସଖି, ସମ୍ପଦର ଦୋଳେ
ବଢ଼ିଲି ରାଜେନ୍ଦ୍ର-ପୁରେ ମଧୁମୟ କୋଳେ ।
ମରାଳ ମୟୂର ପିକ ଶୁକ ଶାରୀ ସ୍ୱର-
କରୁଥାଏ ରାଜପୁର ମଧୁର ମୁଖର ।
ରାବିଥାଏ ଚକ୍ରବାକ ରଜନୀ ସମୟେ
ନୋହୁଥିଲା ଦୁଃଖ ତହିଁ ମୋ ବାଲ୍ୟ-ହୃଦୟେ ।
ଶୈଶବାନ୍ତେ ହେଲା ସଖି, ଯେବେ ମୋ ଯୌବନ
ଦେଖିଲି ଆସିଲେ ଦେଶୁଁ ଦେଶୁଁ ରାଜଗଣ ।
ରତ୍ନମୟ ଧନୁଟିଏ ଜନକ ମୋହର
ରଖିଥାନ୍ତି, ଦିଶୁଥାଏ ଅତି ମନୋହର,
ଜଣେ ଜଣେ ହୋଇ ଧନୁ ଧରି ନୃପଗଣ
ଟାଣି ଥରେ କରୁଥାନ୍ତି ଆସନ ଗ୍ରହଣ ।
ରତନ-କିରୀଟେ ତାଙ୍କ ଧବଳ କୁନ୍ତଳ
କେତେ ନରପତି ତହିଁ ଦେଖାଇଲେ ବଳ ।
କେତେ ବା ଯୁବକ ନୃପ-କିଶୋର କିଶରୀ
ଠାଣି ଧରି ଧନୁ ଛୁଇଁ ଗଲେ ଅପସରି ।
ସଦର୍ପ ଗମନ ତାଙ୍କ ନିଷ୍ଫଳ ସାହସ
ଚାହିଁ ସଖି, ସେତେବେଳେ ମାଡୁଥାଏ ହସ ।
ପ୍ରାସାଦ ଉପରେ ରହି ବହି କୁତୂହଳ,
ସଖୀଙ୍କ ସହିତ ଦେଖୁଥାଏଁ ସେ ସକଳ ।
ଶେଷେ ଜଣେ କ୍ଷତ୍ରିକୁଳ ଚୂଳ-ଆଭରଣ
ମରକତ-ବର-କାନ୍ତି-ଗଞ୍ଜନ-ବରଣ ।
ଧନୁ ସନ୍ନିଧାନେ ଆସି ହେଲେ ଶୋଭାକର ।
ସତେ ଯେସନେ ରାଜପୁତ୍ର ରୂପେ ଦିବାକର ।

ଚାହିଁ ତାଙ୍କୁ ହୃଦ ମୋର ସ୍ୱତଃ ହେଲା ଦ୍ରବ
ତାପସୀ-ଜୀବନେ ନାହିଁ ସେହି ଅନୁଭବ ।
ନୃପବୃନ୍ଦେ କରିଥିଲି କେତେ ଉପହାସ
ସବୁ ଚପଳତା ଜବେ ହୋଇଗଲା ହ୍ରାସ ।
ସେପରି ସୁନ୍ଦର ରୂପ ପାଇବ ନୟନ
କେବେ ତ ସଜନି ! ଭାବି ନଥିଲା ମୋ ମନ ।
ଭକ୍ତି-ପ୍ରୀତି ସହିତ ମୋ ନିର୍ମଳ ହୃଦୟ
ବିନୟେ ବନ୍ଦିଲା ତାଙ୍କ ରଙ୍ଗ ପଦଦ୍ୱୟ ।
ଯେ ଭାଙ୍ଗିବ ଧନୁ ତାକୁ ମୋ କର ଅର୍ପଣ
କରିବାକୁ ପିତା ମୋର କରିଥିଲେ ପଣ ।
ମୁଁ ଭାବିଲି, ସେହିଦିନ ପଣ ହେଲା ଶେଷ,
ତପସ୍ୱିନୀ ହେବି ନେଇ ପିତାଙ୍କ ଆଦେଶ ।
କେ ଭାଙ୍ଗିବ ଧନୁ, ତାହା କି ଅଛି ନିଶ୍ଚୟ ?
ଏ ବୀରେନ୍ଦ୍ର ନେଲେଣି ମୋ ମନ କରି ଜୟ ।
ମନ ଥିବ ଏକେ, ଅନ୍ୟ ହେବ ଯେବେ ପତି
ଜୀବନେ ମରଣେ ହେବ ଭୀଷଣ ଦୁର୍ଗତି ।
କମନୀୟ କର ଯାର ପୁଷ୍ପଧନୁ ପାଏ
ଏ ଧନୁ ଧରିବା ତାଙ୍କ ଅପମାନ ମାଏ ।
ମୋର ଭାଗ୍ୟବଳେ ବୀର ସେ ଦୁର୍ଦ୍ଧର ଚାପ
ସଙ୍ଗେସଙ୍ଗେ ଭାଙ୍ଗିଦେଲେ ମୋ ହୃଦ ସନ୍ତାପ ।
ବୀରେନ୍ଦ୍ର ସହିତ ହେଲା ମୋର ପରିଣୟ
ଧନ୍ୟ ହେଲି ଲଭି ତାଙ୍କ ସ୍ୱର୍ଗୀୟ ପ୍ରଣୟ ।
ଅନୁଜ ତ୍ରିତୟ ଥଲେ ବୀରମଣିଙ୍କର
ଧଇଲେ ମୋହର ତିନି ଭଗିନୀଙ୍କ କର ।
ପିତୃପୁରୁ ପତିପୁର ଗମନ ପଥରେ
ତେଜୋମୟ ଧନୁଟିଏ ପୁଣି କାନ୍ତ-କରେ ।
କ୍ଷତ୍ରିୟ କୁଳର କେତୁ ଭାର୍ଗବପ୍ରବର
ଅର୍ପିବାର ଦେଖି ମୋର ମନେ ହେଲା ଡର ।
ପୁଣି ବା ଲଭିବେ କାନ୍ତ ତେଜୋମୟୀ ନାରୀ
ହେବ ଅବା ମୋହର ସେ ପ୍ରଣୟ-ଭଗାରି ।
ଚଢ଼ାନ୍ତେ ମୋ କାନ୍ତ ସେହି ଶରାସନେ ଶର
ଭାର୍ଗବ ବୀରଶ୍ରୀ ତାଙ୍କୁ ବରିଲା ସତ୍ୱର ।
ପଦ୍ମିନୀର ପ୍ରତିଯଥା ଦ୍ୟୁମଣି-ଦୀଧିତି
ସେ ବୀରଶ୍ରୀ ବଢ଼ାଇଲା ମୋ ହୃଦୟ-ପ୍ରୀତି ।
ଭାବିଥାଏ ମନ ଏକ, ଫଳ ହୁଏ ଆନ
ବୃଦ୍ଧି ନୁହେଁ ସଖି, ଭବେ ବିଧିର ବିଧାନ ।
ତେଜୋମୟୀ ବୀରବାନା ଉଡ଼ାଇ ଗଗନେ
ବିଜେ କଲେ ବୀରବର ପ୍ରଫୁଲ୍ଲିତ ମନେ ।
ସମ୍ପଦର ବନ ମୋର ଶ୍ୱଶୁର-ନିଳୟ
ପ୍ରବେଶନ୍ତେ ତହିଁ ଶୁଭ ସମ୍ବାଦ ମଳୟ ।
ଶୋଭା-ବୃକ୍ଷେ ଫୁଟିଗଲା ଆନନ୍ଦ-ସୁମନ
ପ୍ରଭାର ବଲ୍ଲଭ ହରିନେଲା ଜନମନ ।
ନବ ପରିଣୀତ ବୀରଭ୍ରାତା ଚତୁଷ୍ଟୟ
ରତନ ଭୂଷଣଚୟେ ହୋଇ ଦୀପ୍ତିମୟ ।
ତହିଁରୁ ଅଧିକେ ସାଜି ବଧୂଙ୍କର ବେଶ
ମହୋଲ୍ଲାସେ ହେଲେ ସେହି ଭବନେ ପ୍ରବେଶ ।
ବୃନ୍ଦା ଏକ ଥିଲା ସଖି, ସେ ରାଜଭବନେ
ସେକାଳେ ବୋଇଲା ହର୍ଷବର୍ଷଣ ବଚନେ ।
ଋକ୍ଷରାଜି ବିଭ୍ରାଜିତ ଚୌଦିଗ ଗଗନ
ମଣ୍ଡିଲେ ବିରାଜି ଆଜି ରାଜେନ୍ଦ୍ର ସଦନ ।
ଦେଖିଲି ମୋ ଭଗିନୀଙ୍କ ବଦନମଣ୍ଡଳ
ହୋଇଥିଲା ନବ ପ୍ରେମ-ମନ୍ଦାକ୍ଷେ ପାଟଳ ।
ଉପୁଜି ତହିଁରେ ନବ ଘର୍ମକଣାଚୟ
ରତନ ଜ୍ୟୋତିରେ ହୋଇଗଲା ଜ୍ୟୋତିର୍ମୟ ।
ତୋ ସ୍ୱିନ୍ନ ଲଲାଟେ ଆଜି ସୁଧାଂଶୁ-କିରଣ
ଦେଖି ସଖି, ହେଉଅଛି ସେକଥା ସ୍ମରଣ ।
ସ୍ୱର୍ଗର ସମ୍ପଦ ଯାହା କହିଥାନ୍ତି ଜନେ
ଶ୍ରୁତି-ସତ୍ୟ ମଣି ତାକୁ ଲୋଭ ଦିଏ ମନେ ।
ସ୍ୱର୍ଗଲୋଭେ ରାଜା ତେଜି ରାଜସିଂହାସନ
ତପ କରେ ବନେ କରି ଫଳମୂଳାଶନ ।
ମୁଁ ଯାହା ଦେଖିଲି, ସଖି ! ଶ୍ୱଶୁରଙ୍କ ଘରେ
ଭାବିଲି ନ ଥିବ ତାହା ସୁରେନ୍ଦ୍ର-ନଗରେ ।
ଶ୍ୱଶୁର ଶାଶୁଙ୍କ ସ୍ନେହ, ସ୍ୱାମୀଙ୍କ ପୀରତି
ତୁଚ୍ଛ ଜ୍ଞାନ କରାଇଲା ମୋତେ ସ୍ୱର୍ଗ ପ୍ରତି ।
କେତେ ହେଲା ନବ ନବ ମହୋତ୍ସବମାନ
ଜଗତେ ତା ହୁଏ ବୋଲି ନ ଥିଲା ମୋ ଜ୍ଞାନ ।
ପତି-ପ୍ରୀତି-ରତ୍ନ ରାଜ-ଭବନ-ରତନ-
ଅଲୋକ ସୁଖରେ କଲି କାଳ କରତନ ।
ଶୁଣିବାକୁ ତହିଁ ଦୀନ ଚକ୍ରବାକ ସ୍ୱର
ଥିଲା ନାହିଁ ରାଏ ଦିନେ ମୋତେ ଅବସର ।
ଚାଲିଗଲା ସେହିରୂପେ ଦ୍ୱାଦଶ ବତ୍ସର
ବାରଦିନ ପରି ହେଲା ମୋ ମନେ ଗୋଚର ।

ଦିନେ କାନ୍ତ ଆସି ମୋତେ ବୋଇଲେ ସହାସେ
"ବାନ୍ଧିବି, ରହିବା ଆଜି ରାତ୍ରି ଅଧିବାସେ ।
କରିବାର ଆଶେ, ତୋତେ ହୃଦ-ଆଭରଣ
ରାଜଲକ୍ଷ୍ମୀ କାଲି ମୋତେ କରିବେ ବରଣ ।"
ମୁଁ ବୋଇଲି, "ନାଥ, ତୁମ୍ଭ ଦିବ୍ୟ ଅନୁରାଗ
ପୂର୍ଣ୍ଣ ଥିଲା ମୋଠାରେ ଯା ନ ହେବ ତ ଭାଗ ?"
ସେ ବୋଇଲେ, " ସ୍ୱାଭାବିକ ହେଲେ ହେଁ ସେ କଥା,
ସତୀପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା ।"
ସାଗର ସଲିଳ ଉଠି ଘନ ହୁଏ ନଭେ
ଲୋକହିତ ସାଧି ପଶେ ସାଗର-ଗରଭେ ।
ମଙ୍ଗଳ ବିଧିରେ ସେହି ରାତ୍ରି ହେଲା ଶେଷ
ମଙ୍ଗଳବାଜଣା ପ୍ରାତେ ଶୁଭିଲା ବିଶେଷ ।
ସଚିବ ସହିତ କାନ୍ତ ଗଲେ ପିତା ପାଶେ
ଲେଉଟି ବୋଇଲେ ମୋତେ ଦୁଃଖ ଭରି ଭାଷେ ।
"ଜୀବନସଙ୍ଗିନି ! ରଖି ତୋ ପାଶେ ଜୀବନ
ପିତାଙ୍କ ଆଦେଶେ ଆଜି ଯାଉଅଛି ବନ ।
ଯୁବରାଜ ହେବେ ପ୍ରିୟ ଭାଇ ମୋ ଭରତ
ରାଜଲକ୍ଷ୍ମୀ ହେଲେ ତାଙ୍କ ପ୍ରଣୟରେ ରତ ।
ନ ରଖି ମାନିନି, ନିଜ ଜ୍ୟେଷ୍ଠା ଅଭିମାନ
ଭରତେ କରିବୁ ରାଜ-ମାନ୍ୟରେ ସମ୍ମାନ ।"
ଦେଖିଲି ମୁଁ ସ୍ୱାମୀଙ୍କର ବଦନମଣ୍ଡଳ
ଦିଶୁଥିଲା ପୂର୍ବପରି ଶାନ୍ତିରେ ଉଜ୍ଜ୍ୱଳ ।
ହେଉଥାଏ ମନ ବନ-ଗହନେ ଚଞ୍ଚଳ,
କିନ୍ତୁ ଯେଉଁ ମୋହ ପାଇଁ ହୃଦୟ ବିକଳ ।
ସ୍ୱାମୀଙ୍କ ବଚନ ମଣିଥାନ୍ତି ପରିହାସ
ଉଠିଗଲା ଚଉଦିଗେ ରୋଦନ ଉଚ୍ଛ୍ୱାସ ।
ହାହାକାର-ରବେ ହେଲା ନଗର କମ୍ପନ
ବିସ୍ମୟେ ଭାବିଲି, ଏ କି ଅଦ୍ଭୁତ ସ୍ୱପନ ।
ଚକିତେ ବୋଇଲି, "ନାଥ, ତୁମ୍ଭେ ଗଲେ ବନ
ରାଜପୁରେ ଏ ଦାସୀର କିସ ପ୍ରୟୋଜନ ?
ହୋଇଥାନ୍ତି ରାଜରାଣୀ, ହେବି ଭିକାରିଣୀ
ଶ୍ରୀପଦ ସେବିବି ହୋଇ କାନନ-ଚାରିଣୀ ।
ଶ୍ରୀଚରଣେ ମତି ମୋର, ଶ୍ରୀଚରଣେ ଗତି
ତୁମ୍ଭ ବିନା ବାଞ୍ଛଇ କି ସ୍ୱରଗ ସମ୍ପତ୍ତି ।
ତୁମ ପ୍ରିୟ ଅବରଜ ଯୁବରାଜ ହେବେ
ହସି ହସି ବନଗାମୀ ତୁମ୍ଭେ ହେବ ଯେବେ ।
ଯୁବରାଜ୍ଞୀ ହେବ ମୋର ମାଣ୍ଡବୀ ଭଗିନୀ
ମୁଁ କିମ୍ପା ନ ହେବି ତୁମ୍ଭ ପଦାଙ୍କଗାମିନୀ ?
ସେ ସୁଖ-ବଞ୍ଚିତା ହେଲେ ନ ବଞ୍ଚିବ ସୀତା
ପ୍ରଭୁପାଦ-ସେବା ବିନା ବିଶ୍ୱ ତାକୁ ପିତା ।
ଯା କିଛି ବିଷାଦ ଥିଲା ସ୍ୱାମୀଙ୍କର ମନେ
ଦୂର ହୋଇଗଲା ତବେ ମୋର ସେ ବଚନେ ।
ପିତା ମାତା ଭ୍ରାତା ବନ୍ଧୁ ଭୃତ୍ୟ ପରିଜନ
ତେଜି କାନ୍ତ ମୋତେ ସଙ୍ଗେ ଘେନି ଗଲେ ବନ ।
କେବଳ ଲକ୍ଷ୍ମଣ ନାମେ ଥିଲେ ମୋ ଦେବର
ହେଲେ ସ୍ୱାମୀଙ୍କର ବନବାସ-ସହଚର ।
ଫିଙ୍ଗିଦେଇ ରାଜସୁଖ ବିସ୍ମୃତିର ନଦେ
ଭ୍ରମିଲୁଁ ଗହନ ଗିରି ନବୀନ ଆନନ୍ଦେ ।
ସଖୀରୂପେ ପାଇ ବନେ ମୁନିକନ୍ୟାଗଣ
ତାଙ୍କ ସ୍ନେହ ସୁଖ-ଜଳେ ହେଲି ନିମଗନ ।
ଅନେକ ଦିବସ ଥିଲୁଁ ପଞ୍ଚବଟୀ ବନେ
ଗୋଦାବରୀ-ପୂତ-ତୀରେ ପ୍ରଫୁଲ୍ଲ ଜୀବନେ ।
ନିଶାନ୍ତେ ପବନ ବନ-ପୁଷ୍ପବାସ ହରି
ମଦମନ୍ଦ ଆସି ଦିଏ କୁଟିରକୁ ଭରି ।
ଶ୍ରବଣ କୁହରେ ଢାଳେ ମନୋରମ ସ୍ୱର
ରାଜ ବୈତାଳିକ ରୂପେ ଆସି ପିକବର ।
ମୟୂର ମୟୂରୀ ହୋଇ ନୃତ୍ୟପରାୟଣ
ମଣ୍ଡନ୍ତି ପ୍ରଭାତେ ମୋର କୁଟୀର-ପ୍ରାଙ୍ଗଣ ।
ଆସିଥାନ୍ତି କଉତୁକେ ମୃଗଶିଶୁଗଣ
କରିବାକୁ ମୋହ କରୁଁ ନୀବାର ଭକ୍ଷଣ,
ଜନନୀର କୋଳ ତେଜି କଲଭ କଲଭୀ
ଖେଳନ୍ତି ମୋ ପାଶେ ମୋର କରୁଁ ଖାଦ୍ୟ ଲଭି ।
ବିବିଧ କୁସୁମେ ଗୁନ୍ଥି ମନୋହର ହାର
ଦେଉଥାଏଁ କାନ୍ତ ଗଳେ ପ୍ରୀତି-ଉପହାର ।
କୌତୁକେ କୁସୁମେ କାନ୍ତ ମଣ୍ଡି ମୋର ବେଣୀ
ଭ୍ରମନ୍ତି କୁସୁମବନେ ସଙ୍ଗେ ମୋତେ ଘେନି ।
ବୋଲୁଥାନ୍ତି, "ସଖୀ, ତୁ ମୋ' ପ୍ରଣୟ-ପ୍ରତିମା
ପ୍ରାଣର ସଙ୍ଗିନୀ ସ୍ୱର୍ଗ-ସୁଖର ଗରିମା ।"
ମୁଁ ବୋଲେଁ, "ପ୍ରାଣେଶ, ତୁମ୍ଭ ପ୍ରେମ ଅଧିକାର
ସଙ୍ଗେ ନୁହେଁ ତୁଳନୀୟ ସ୍ୱର୍ଗ ସୁଖ ଛାର ।"
ଦିନେ ଫୁଲେ ଚନ୍ଦ୍ରାତପ ଫୁଲମୟ ସ୍ତମ୍ଭ
ସିଂହାସନ ରଚି ଖଚି କୁସୁମ-କଦମ୍ବ ।

ଫୁଲମୟ ଛନ୍ଦ କରି ଫୁଲର ଚାମର
ବିଚିତ୍ର ବ୍ୟଜନ ଫୁଲେ କରି ଶୋଭାକର ।
କେତକୀ-ଦଳରେ କଲି କିରୀଟ ନିର୍ମାଣ
ଖଚି ରତ୍ନରୂପେ ରମ୍ୟ ରମ୍ୟ ଫୁଲମାନ ।
ବିନୟେ ବୋଇଲି, "ନାଥ ପୂଜିବି ପୟର ।
କୃପା ବହି ସିଂହାସନେ ଥରେ ବିଜେକର ।"
ସସ୍ମିତେ ବୋଇଲେ ମୋତେ କାନ୍ତ ମହାମନା
"ରାଜ-ଉପଚାର ସଖି, ଅଛି ମୋତେ ମନା ।
ତୋତେ ମୁଁ କରିବ ଆଜି ବନ-ଫୁଲେଶ୍ୱରୀ
ବୋଲି ଫୁଲେ ସଜାଇଲେ ବଳେ କର ଧରି ।
ତାଙ୍କ ରାଣ ଭାଷେ ଖଣ୍ଡି ମୋହର ଆପତ୍ତି
ଅଗ୍ରେ ଉଭା ହୋଇ ଦୃଷ୍ଟି ଦେଲେ ମୋର ପ୍ରତି ।
ମନ୍ଦାକ୍ଷରେ ନେତ୍ର ମୋର ହେଲା ନିମୀଳିତ
ରହିଲି ସେ ପୁଷ୍ପାସନେ ହୋଇ ବିଦ୍ରବିତ ।
ଆନନ୍ଦେ ବୋଇଲେ କାନ୍ତ ରସିକକେଶରୀ !
"କରୁଣା କଟାକ୍ଷପାତ କର ଫୁଲେଶ୍ୱରୀ !"
ହରଷ-ପ୍ରଫୁଲ୍ଲ ମୁଖ ଅନାଇ ତାଙ୍କର
ବୋଇଲି "ଅବିଧି ହେଲା ବିବେକିଶେଖର !
ନୁହଇ ଯା' ପ୍ରଭୁପଦ ଅର୍ଚ୍ଚନାର ଯୋଗ୍ୟ
କେବେ କି ତା' ହୋଇଥାଏ ଦାସୀ ଛାର ଭୋଗ୍ୟ ?"
ସେ ବୋଇଲେ, "ପ୍ରଣୟିଣୀ ପ୍ରଣୟୀର ରୀତି
ବଢ଼ାଇ ଏକର ମାନ ଅନ୍ୟ ଲଭେ ପ୍ରୀତି ।"
ସ୍ୱାମୀଙ୍କ ବଦନୁ ତାଙ୍କ ପ୍ରୀତି କଥା ଶୁଣି
ନିଜ ଭାଗ୍ୟ ଧନ୍ୟ ମଣି ମୁଦେ ହେଲି ତୁନି ।
ସନ୍ଧ୍ୟା ହେଲା କ୍ରମେ ନଭେ ହେଲେ ସୁଧାକର
ବିହରିଲେ କାନ୍ତ ବନେ ଧରି ମୋର କର ।
କରିବାକୁ ପୁଣି ମୋର ମାନସରଞ୍ଜନ
କରୁଥିଲେ ବନବାସ ସୁଖର ବର୍ଣ୍ଣନ ।
ସେ କାଳେ ଅଦୂରେ ଶୁଣି ଚକ୍ରବାକ-ସ୍ୱନ
ସହସା ପ୍ରାଣେଶ କଲେ ମୋ ମୁଖ ଚୁମ୍ବନ ।
କଉତୁକେ ପଚାରନ୍ତେ ତହିଁର କାରଣ
ସେ ଯାହା କହିଲେ ଏବେ ହେଉଛି ସ୍ମରଣ ।
ବୋଇଲେ, "ପ୍ରେୟସି ! ଏହି କାନ୍ତାବିରହିତ
ଚକ୍ରବାକ ଦୁଃଖାନଳେ ହେଉଛି ଦହିତ ।
ଦିନଯାକ ଥାଏ ପ୍ରିୟା ସଙ୍ଗସୁଖେ ସିକ୍ତ,
ତା ବିନା ମଣୁଛି ଏବେ ଜୀବନକୁ ତିକ୍ତ ।
ତୁ ନଥାନ୍ତୁ ଯଦି ମୋର ବନ-ସହଚରୀ
ଦୁଃଖେ ଦଗ୍ଧ ହେଉଥାନ୍ତି ବିପିନେ ବିଚରି ।
ଯାହା ଯାହା ବୋଲୁଅଛୁଁ ବନବାସ-ସୁଖ
ସେ ସକଳ କରୁଥାନ୍ତେ ମୋ ଜୀବନ ଶୁଷ୍କ ।
କାନ୍ତା ବିନା କାନ୍ତ-ପ୍ରାଣ ସ୍ୱଭାବେ ବିକଳ
ବିକଳ ଜୀବନ ମଣେ ଜଗତ ବିଫଳ ।
ଭାସୁଥାଏ ଜୀବ ଯଦି ସଂସାର-ସାଗରେ
ତରିବା ଭରସା ଥାଏ ବନିତା-ନାବରେ ।"
ନଥିଲା ମୋ' ଅନୁଭବ ବିରହ-ବେଦନେ
ତା'ଶୁଣି ହସିଲି ଲଜ୍ଜାବନତ ବଦନେ ।
ହାୟ ! କିଛି କାଳ ପରେ ସେ ଘୋର କଷଣ
ଜୀବନେ ମୋ' ଅଧିକାର କଲା ଷୋଳପଣ ।
ଭୁକ୍ତଭୋଗୀ କରେ ପର ଦୁଃଖ ଅନୁଭବ
ଅଶ୍ରୁ ଆଜି ବୁହାଇଲା ମୋ' ରଥାଙ୍ଗରବ ।"
ତାପସୀ ବୋଇଲେ, "ସଖି, ବୁଝିଲି ନିଶ୍ଚୟ
ତବ କାନ୍ତ ହୃଦ-ପ୍ରେମ-ପୀୟୁଷ-ନିଳୟ ।
କାନ୍ଦୁଥିବେ ନରମଣି ଚକ୍ରବାକ ପରି,
ପାହିଯାଉ ବେଗେ ତୁମ୍ଭ ବିପଦ-ଶର୍ବରୀ ।
ସୁନାର ସଂସାର ହୋଇଅଛି ଛାରଖାର
କାହିଁକି ଘଟିଲା ଏହି ଘୋର ଦୁର୍ବିଚାର ?
କରିଥିଲେ ରାଜା ଯା' କୁ ଜୀବନର ଧନ
କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ !
ବିଧି ବିଚାରକୁ ଧିକ, କାହିଁ କଲା କିସ,
ଅମୃତ ଉପରେ ଆଣି ଢାଳିଦେଲା ବିଷ ।"

– – –